# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ......4907....../ ତା. 20.09.2021./

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ଷ୍ଟଲ ଗୁଡିକ ସିଲ୍ ଟେଣ୍ଡର ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଷ୍ଟଲ ମୂଲ୍ୟର ୫୦% ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **Executive Officer, Subarnapur Municipality** ଙ୍କ ନାମରେ ଜମାଦେବେ । ତା.୨୯.୦୯.୨୦୨୧ ପୂର୍ବାହ୍ନ ୫.୦୦ଘ ସୁଦ୍ଧା ସିଲ୍ ଟେଣ୍ଡର Regd. Post/ Courier/Speed Post କିମ୍ବା Tender Box ରେ କାର୍ଯ୍ୟାଳୟରେ ଦାଖଲ କରିବେ । ତା.୩୦.୦୯.୨୦୨୧ ଦିବା ୧୧.୦୦ଘ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ସିଲ୍ ଟେଣ୍ଡର ଖୋଲାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମ ର ସର୍ତ୍ତାବଳୀ ନିମ୍ନରେ ଦିଆଗଲା । ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରି ପାରିବେ । ପ୍ରକାଶଥାଉକି ସିଲ୍ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ଉପରେ କରାଯିବ । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବେ ସେମାନେ ନିର୍ଦ୍ଧାରୀତ ଦରଖାସ୍ତ ରେ ନିଜର ସଂପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ୍ ସହିତ ଧାର୍ଯ୍ୟ ମୂଲ୍ୟ ଉପରେ କେତେ ଟଙ୍କାରେ ଦୋକାନ ନେବାକୁ ଇଚ୍ଛୁକ (ଉଭୟ ଅଙ୍କରେ ଓ ଅକ୍ଷରରେ ଲେଖିବେ) ଓ ସିଲ୍ ଲଫାପାରେ ଦାଖଲ କରିବାକୁ ଜଣାଇଦିଆଗଲା ।

| କ୍ର. ନଂ | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ୫୦% | ଦୋକାନ ଗୃହର ମାସିକ ଭଡା |
|---|---|---|---|---|---|
| ୧ | ସାପ୍ତାହିକ ମଙ୍ଗଳବାର ବଜାର ଦୋକାନ (ଖମ୍ବେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ, ମହିଳା ମହା ବିଦ୍ୟାଳୟ ହଷ୍ଟେଲ ପାର୍ଶ୍ୱ) | ୮' x ୧୦' ଷ୍ଟଲ ନଂ. ୪ ଓ ୫ (୦୨ ଗୋଟି) | ୮୦,୦୦୦/- | ୪୦,୦୦୦/- | ୧୦୦୦/- |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଟେଣ୍ଡର ମୂଲ୍ୟର ଅବରୋହି କ୍ରମ ଅନୁସାରେ ୨ଜଣ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେମାନେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମା କରି ଚୁକ୍ତିନାମା ସାକ୍ଷର କରିବେ । ନଚେତ୍ ତାଙ୍କର ଆମାନତ ରାଶି ଟଙ୍କା ବ୍ୟାଜିପ୍ତି କରାଯାଇ ପରବର୍ତ୍ତି ସର୍ବୋଚ୍ଚ ନିଲାମଧାରି ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ ଉକ୍ତ ଦୋକାନର ପୁନର୍ବାର ନିଲାମ ଟେଣ୍ଡର କରାଯିବ ।

୪. ନିମ୍ନସାକ୍ଷରକାରୀ ଯେ କୌଣସି ନିଲାମ ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ନିଲାମ ଟେଣ୍ଡର ରେ ଅଂଶ ଗ୍ରହଣ କରି ପାରିବେ ।

୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡାରେ ଲଗାଇପାରିବେ ନାହିଁ । ହସ୍ତାନ୍ତର କିମ୍ବା ଭଡା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମାଟଙ୍କା ବାଜ୍ୟାପ୍ତି କରାଯିବ ।

୭. ଯେଉଁ ବ୍ୟକ୍ତି ମାନେ ପୂର୍ବରୁ ପୌର ପରିଷଦ ଅଧିନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।

୮. ଟେଣ୍ଡରଧାରି ଯଦି ଟେଣ୍ଡର ପାଇବେ ନାହିଁ ତାହେଲେ ତାଙ୍କର ଅମାନତରାଶି ସର୍ବୋଚ୍ଚ ଟେଣ୍ଡର ଧାରୀଙ୍କ ଚୁକ୍ତିନାମା ସାକ୍ଷର ହେଲାପରେ ବିନା ସୁଧରେ ଫେରସ୍ତ ପାଇବେ ।

୯. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୧୦.ଟେଣ୍ଡର ସଂକ୍ରାନ୍ତିୟ ବିଶଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

20/09/2021

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।

ପତ୍ରାଙ୍କ 4908 ତାରିଖ 20.09.2021

ଏହାର ଏକକିତା ଅବିକଲ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ସରକାର ଙ୍କୁ ପ୍ରମେୟ (ସମ୍ବଲପୁର ପ୍ରକାଶନ) ସଂକାଳି ସମ୍ବାଦପତ୍ରରେ ଆସନ୍ତା କାଲି ଗୋଟିଏ ଦିନ ପ୍ରକାଶ କରିବାକୁ ଅନୁରୋଧ କରାଗଲା।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 4909 ତାରିଖ 20.09.2021

ଏହାର ଏକକିତା ଅବିକଲ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 4910 ତାରିଖ 20.09.2021

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 4911 ତାରିଖ 20.09.2021

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ 4912 ତାରିଖ 20.09.2021

ଏହାର ଏକକିତା ଅବିକଲ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।